# ଅହନ୍ୟହନି ଭୂତାନି ...............

**ବିପିନ ବିହାରୀ ମିଶ୍ର**
ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ

୨୦୧୦ ମସିହାରେ ୨୧ ଜଣ ପ୍ରଥମଶ୍ରେଣୀ ଅଫିସର ଆରେଷ୍ଟ ହୋଇ ଜେଲ ଯିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିବା କଥା, ଏ ଲାଞ୍ଚୁଆ ଅଫିସରଙ୍କ ହୃତ୍‌କମ୍ପ ହେବା କଥା । କିନ୍ତୁ ଦୁର୍ନୀତି ଯେଉଁ ପରିମାଣରେ କମିବା କଥା, କମୁନାହିଁ । ଏ ସବୁ ଦେଖିଲେ ମନେ ପଡ଼େ ଯୁଧିଷ୍ଠିର ଓ ଯକ୍ଷଙ୍କର କଥୋପକଥନ ।

ସବୁଠାରୁ ଆଶ୍ଚର୍ଯ୍ୟ କ'ଣ ବୋଲି ଯକ୍ଷଙ୍କର ପ୍ରଶ୍ନ ଥିଲା ଓ ଯୁଧିଷ୍ଠିରଙ୍କର ଉତ୍ତର ଥିଲା -

ଅହନ୍ୟହତି ଭୂତାନି ଗଛନ୍ତି ଯମ ମନ୍ଦିରମ୍ ।
ଶେଷାଂମରତ୍ୱଂ ମିଛନ୍ତି କିମାଶ୍ଚର୍ଯ୍ୟ ଅତଃପର ?

ସବୁଦିନେ ମଣିଷ ଯମ ଦ୍ୱାର ଯାଉଛନ୍ତି, କିନ୍ତୁ ବାକି ସମସ୍ତେ ଅମରତ୍ୱ ପ୍ରାପ୍ତି ଇଛା କରୁଛନ୍ତି । ଏହାଠାରୁ ଅଧିକ ଆଶ୍ଚର୍ଯ୍ୟ କ'ଣ ହୋଇପାରେ ? ସେଇପରି ପଚରାଯାଇପାରେ ପ୍ରତିଦିନ ଭିଜିଲାନ୍‌ସ ଚଢ଼ଉ କରୁଛି କିମ୍ବା କାହାକୁ ଗିରଫ କରୁଛି ତଥାପି କର୍ମଚାରୀ ମାନେ ଦୁର୍ନୀତିରୁ ନିବୃତ୍ତ ହେଉନାହାନ୍ତି ।

ଦୁର୍ନୀତି ହେଉଛି ସରକାରୀ କର୍ମଚାରୀଙ୍କ ଅପରାଧ ଏବଂ ଅପରାଧ ହୁଏ ପ୍ରବୃତ୍ତି ଓ ସୁଯୋଗର ସମିଶ୍ରଣରୁ । ଯେଉଁ ବ୍ୟକ୍ତି ଅଫିସରେ ଲାଞ୍ଚ ନେଇଛି, ସେ ବ୍ୟବସାୟ୍ କରିଥିଲେ ଚାଉଳରେ ଗୋଡ଼ି ମିଶେଇଥାନ୍ତା । ଟ୍ୟାକ୍ସି ଚଲେଇଥିଲେ ମିଟର ଗଫଲତି କରିଥାନ୍ତା । ହଜାର ହଜାର କେଶ୍ ଧରା ପଡ଼ିବା ସତ୍ତ୍ୱେ ସମାଜରେ ଯିମିତି ଅପରାଧ କମୁନାହିଁ ବରଂ ବଢ଼ୁଛି ସେହି ଭଳି ଶହ ଶହ କେଶ୍ ହେବା ସତ୍ତ୍ୱେ ଦୁର୍ନୀତି

ବନ୍ଦ ହେଉନାହିଁ । ଲୋଭ ମଣିଷର ବିଚାର ଜ୍ଞାନକୁ ଦୁର୍ବଳ କରିଦିଏ, ଏବଂ ଦୁର୍ନୀତି ଆଡ଼କୁ ଠେଲି ଦିଏ । ବର୍ତ୍ତମାନ ଅଫିସରମାନଙ୍କ ଯେଭଳି ଦରମା ମିଳୁଛି ଏବଂ ବର୍ଷରେ ତିନି ଥର ଦରମା ବଢୁଛି (ଦୁଇ ଥର ଡ଼ି.ଏ. ଏବଂ ଥରେ ଇନ୍କ୍ରିମେଣ୍ଟ) କେହି କହି ପାରିବ ନାହିଁ ଯେ ଦରମା ତାକୁ ଅଣ୍ଟୁନାହିଁ । ଆଇ. ଆଇ. ପି. ଭୁବନେଶ୍ୱରରେ କରିଥିବା ଏକ ପର୍ଯ୍ୟବେକ୍ଷଣରୁ ଜଣା ପଡ଼ିଲା ଯେ ଦଶ ଏକର ଉର୍ବର ଓ ଜଳସେଚନ ସୁବିଧା ଥିବା ଚାଷୀଙ୍କର ଆର୍ଥିକ ଅବସ୍ଥା ଜଣେ ସେକ୍ରେଟାରିଏଟ ପିଅନଙ୍କ ଠାରୁ ନ୍ୟୁନ । ଜଣେ ସାଧାରଣ ନାଗରିକ ଠାରୁ ସ୍ୱଚ୍ଛଳତା ଦୃଷ୍ଟିରୁ ସରକାରୀ କର୍ମଚାରୀ ବହୁତ ଉଚ୍ଚରେ । ତା ସତ୍ତ୍ୱେ ଦୁର୍ନୀତି ଏବଂ ଯିଏ ଦୁର୍ନୀତିର ନିଶାଗ୍ରସ୍ତ ହେଲା ସେ ପଛକୁ ଅନାଏ ନାହିଁ । ଲୋଭର ସୀମା ନ ଥାଏ -

ଇଚ୍ଛତି ଶତୀ ସହସ୍ରାଣୀ, ସହସ୍ର ଲକ୍ଷ ମିଚ୍ଛତି
ଲକ୍ଷମିଚ୍ଛତି ରାଜ୍ୟ, ରାଜା ସ୍ୱର୍ଗ ମିଚ୍ଛତି ।

ଶହେ ଥିଲା ବାଲା ହଜାରରେ ଇଚ୍ଛା କରନ୍ତି, ହଜାରେ ବାଲା ଲକ୍ଷେ ଓ ଲକ୍ଷେ ବାଲା ରାଜ୍ୟ ଚାହାନ୍ତି । ରାଜା ନିଜ ଧନ ଓ ପ୍ରତିପତ୍ତିରେ ସନ୍ତୁଷ୍ଟ ନ ହୋଇ ସ୍ୱର୍ଗ ଚାହାନ୍ତି ।

ଦ୍ୱିତୀୟ କାରଣ ହେଲା ସୁଯୋଗ । ସମାଜର ଅଙ୍ଗ କର୍ମଚାରୀମାନେ ସର୍ବସାଧାରଣଙ୍କ ଦୋଷ ଓ ଗୁଣ ବହନ କରନ୍ତି । ଅସାଧୁତା ମାନସିକତା ଥିବା ଲୋକ ପାଇଁ ସରକାରୀ କଳ ବହୁତ ସୁଯୋଗ ଯୋଗାଏ । ଜନସାଧାରଣ ଯେତିକି ସରକାରଙ୍କ ଉପରେ ନିର୍ଭର କରନ୍ତି (ଯଥା ପରମିଟ୍, ଲାଇସେନ୍ସ), ଟିକସ ପରିମାଣ ଓ ଆଦାୟ କରିବାର ପ୍ରଣାଳୀ ଯେତିକି କଠୋର ହୁଏ, କର୍ମଚାରୀମାନଙ୍କ ସୁଯୋଗ ସେତିକି ବଢେ ।

ବଗର ଥଣ୍ଟ ଯେତିକି ଲମ୍ବା ହୁଏ ମୀନ ପ୍ରତି ସେତିକି ବିପତ୍ତି । ତେଣୁ ମୀନ 'ବକ' କୁ ସନ୍ତୁଷ୍ଟ କରିବ ।

ପୁଣି ଅନ୍ୟ ଏକ ସୁଯୋଗ ଯୋଗେଇଛି ଦେଶର ଆର୍ଥିକ ଅଭିବୃଦ୍ଧି ବିତ୍ତ ସାଙ୍ଗକୁ ଜନମଙ୍ଗଳକାରୀ ଯୋଜନା ପ୍ରସ୍ତୁତି । ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ ହେଉଛି ରାସ୍ତା କରିବାରେ, କେନାଲ ଖୋଳିବାରେ, ମାଗଣା ଚାଉଳ ଯୋଗାଇବାରେ ଓ ବାସଗୃହ ନିର୍ମାଣ କରିବାରେ ଦୁର୍ନୀତିଗ୍ରସ୍ତ ଅଫିସରଙ୍କୁ ସ୍ୱର୍ଗ ସୁଖ ମିଳିଛି । ଯେଉଁଆଡ଼େ ଆଖି ବୁଲେଇବ ସେଇଠେ ଦେଖିବ ପଇସା ମାରିବାର କ୍ଷେତ୍ର ।

ପରିସ୍ଥିତିର ମୁକାବିଲା କରିବା ପାଇଁ ସରକାର ବିଭିନ୍ନ କମିଟି ବସାଇ ସେମାନଙ୍କ ପ୍ରସ୍ତାବ ଅନୁସାରେ ଆଇନ ପ୍ରଣୟନ କରିଛନ୍ତି ଏବଂ ଦୁର୍ନୀତି ନିବାରଣ ସଂସ୍ଥା କରିଛନ୍ତି । ଉଚ୍ଚ ସ୍ତରରେ ଦୁର୍ନୀତି ବନ୍ଦ କରିବା ପାଇଁ ଲୋକପାଳ ଅନୁଷ୍ଠାନ ଗଠନ କରିବା ପାଇଁ କେନ୍ଦ୍ର ସରକାର ଆଇନ ପ୍ରଣୟନ କରିବା ପାଇଁ ଯାଉଛନ୍ତି । ବର୍ତ୍ତମାନ ଦୁର୍ନୀତି ହଜାର ହଜାର କୋଟି ଟଙ୍କାରେ ପହଞ୍ଚି ଥିବାରୁ ଲୋକପାଳଙ୍କର ଭୂମିକା ବ୍ୟାପକ ହେବା ଦରକାର ।

ଓଡ଼ିଶାରେ ଭିଜିଲାନ୍ସ ବିଭାଗର ପ୍ରଥମ ମୁଖ୍ୟ ସ୍ୱର୍ଗତ ଘନଶ୍ୟାମ ଦାସଙ୍କ ଠାରୁ ଆରମ୍ଭ କରି ବର୍ତ୍ତମାନର ମୁଖ୍ୟ ଶ୍ରୀ ଅନୁପ କୁମାର ପଟ୍ଟନାୟକ ପର୍ଯ୍ୟନ୍ତ ବିଭିନ୍ନ ସମୟ ଦେଇ ଯାଇଛି । ଶ୍ରୀ ଘନଶ୍ୟାମ ଦାସ ମୂଳଦୁଆ ପକେଇଛନ୍ତି ଏ ବିଭାଗର ବିସ୍ତୃତ ନିୟମ ପ୍ରଣୟନ କଲେ ସ୍ୱର୍ଗତ ଶ୍ରୀକାନ୍ତ ଘୋଷ । ଭିଜିଲାନ୍ସ ଲାଞ୍ଚୁଆ ଅଫିସରଙ୍କ ଭୟର କାରଣ ହେଲା । ବିଭାଗର ସମ୍ମାନ ବହୁତ ବଢିଗଲା ୧୯୯୦ ମସିହା ପରଠାରୁ । ସ୍ୱର୍ଗତ ରାଜେନ୍ଦ୍ର ମୋହନ ପଟ୍ଟନାୟକଙ୍କ ନେତୃତ୍ୱରେ ଭିଜିଲାନ୍ସ ନିର୍ଭିକଭାବେ ଦୁର୍ନୀତିଗ୍ରସ୍ତ ଅଫିସର ଓ ନେତାଙ୍କୁ ଧରିଲେ । ୨୦୦୦ ମସିହାରେ ଏହାର

ପୁନରାବୃତ୍ତି ହେଲା ଏବଂ ଉଦ୍ୟମଶୀଳତାର ବେଗ ବଢ଼ି ଚାଲିଛି । ବର୍ତ୍ତମାନର ମୁଖ୍ୟ ଶ୍ରୀ ଅନୁପ କୁମାର ପଟ୍ଟନାୟକ ଓ ସହକର୍ମୀଙ୍କ ପାଇଁ ଭିଜିଲାନ୍ସ କେଶ୍ କରିବାରେ ରେକର୍ଡ କରିଛି । ବର୍ତ୍ତମାନ ଭିଜିଲାନ୍ସର ଉପସ୍ଥିତି ପ୍ରାୟ୍ ସବୁ ଜିଲ୍ଲାରେ । ସମସ୍ତ ଲାଞ୍ଚନେବା କେଶ ଧରା ନପଡ଼ୁ କିନ୍ତୁ ଧରାପଡ଼ିବାର ସମ୍ଭାବନା ରହିଛି ।

ଭିଜିଲାନ୍ସର କାର୍ଯ୍ୟକଳାପ ଜନସାଧାରଣଙ୍କ ପ୍ରଶଂସା ଓ ସମ୍ମାନ ଲାଭ କରିଛି । ଅଳ୍ପ କେତେ ଜଣ ସମାଲୋଚନା କରିଛନ୍ତି । ପ୍ରଶଂସା ଓ ନିନ୍ଦାକୁ ଅପେକ୍ଷା ନକରି ଭିଜିଲାନ୍ସ ତାହାର କର୍ତ୍ତବ୍ୟ କରି ଚାଲିଛି । ଏଇଟା ହେଉଛି ଉପଯୁକ୍ତ ଆଭିମୁଖ୍ୟ ।

" ଯେ ଅବା ସ୍ତୁତି ଅପମାନ
ଉଦ୍ଧବ ଏହାକୁ ତୁ ନ ଘେନ ।"

(ଭଗବତ ପୁରାଣ)

***